

## ମିଳିତ ଉଦ୍ୟମ

ତା୨୩।୨।୨୦୦୫ ରିଖରେ ଯୋଡ଼ା ବ୍ଲକର ଅଁସେଇକଳା ଗ୍ରାମରେ ଏକ ବଡ଼ ପଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ପଶୁ ଚିକିତ୍ସା ଶିବିରରେ ୧୮୫ଟି ଗୃହପାଳିତ ପଶୁ, ଯଥା-ଗାଈ, ବଳଦ, ଛେଳି ଓ ମେଣ୍ଢାଙ୍କର ଚିକିତ୍ସା କରାଯାଇଥିଲା ଝାଡ଼ା ପରୀକ୍ଷା, ଖଶି ଅପରେସନ୍ ତଥା ବିଭିନ୍ନ ରୋଗ ଚିହ୍ନଟ କରାଯାଇ ଔଷଧ ବିତରଣ କରାଯାଇଥିଲା ।

ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ୍, ଯୋଡ଼ା, କେନ୍ଦୁଝରଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିବରେ ଯୋଡ଼ା ପଶୁ ଚିକିତ୍ସକ, ବଡ଼ବିଲ୍ ଓ ଚମ୍ପୁଆ ପଶୁ ଚିକିତ୍ସକ, ଅଁସେଇକଳା ଏବଂ କଣ୍ଡରା ପଶୁ ସମ୍ପଦ ନିରୀକ୍ଷକ ସହଯୋଗ କରିଥିଲେ । ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ, ଚମ୍ପୁଆ ଉକ୍ତ ଶିବିର ପରିଚାଳନା କରିଥିଲେ । ବଣ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଁସେଇକଳା ଗ୍ରାମ ପଞ୍ଚାୟତର ଅଁସେଇକଳା ଗ୍ରାମରେ ପ୍ରଥମକରି ଉକ୍ତ ପଶୁ ଚିକିତ୍ସା ଶିବିର କରାଯାଇ, ଏହି ଅଞ୍ଚଳରେ ଅଧିବାସୀଙ୍କୁ ପଶୁ ପାଳନ ଓ ପଶୁ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଶିବିରରେ ମୂଳ ଲକ୍ଷ୍ୟ ଥିଲା । ସେଥିପାଇଁ 'ଗୃହପାଳିତ ପଶୁପକ୍ଷୀ ପାଳନ ନିମନ୍ତେ ସମ୍ୟକ୍ ଜ୍ଞାନ ପତ୍ରିକା' ଏକ ପତ୍ରିକା ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ, ଚମ୍ପୁଆ ଓ ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ୍, ଯୋଡ଼ା, କେନ୍ଦୁଝରଙ୍କ ସୌଜନ୍ୟତା କ୍ରମେ ପ୍ରକାଶ କରାଯାଇ, ଗୃହପାଳିତ ପଶୁପକ୍ଷୀ ରଖିଥିବା ଚାଷୀଭାଇମାନଙ୍କୁ ବଣ୍ଟନ କରାଯାଇଥିଲା ।

ଉକ୍ତ ଶିବିରର ଉଦ୍‌ଯାପନ ସମୟରେ ଶ୍ରୀଯୁକ୍ତ ପଲେଇ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ୍, ଯୋଡ଼ା, କେନ୍ଦୁଝର ଚାଷୀଭାଇମାନଙ୍କୁ ଗୃହ ପାଳିତ ପଶୁପକ୍ଷୀଙ୍କର ଯତ୍ନ ନେଇବା ବିଷୟରେ ଅବଗତ କରାଇଥିଲେ ।

ଡାଃ. ମହେଶ ଚନ୍ଦ୍ର ମିଶ୍ର

*ଉପଖଣ୍ଡ ପଶୁଚିକିତ୍ସା ଅଧିକାରୀ, ଚମ୍ପୁଆ, କେନ୍ଦୁଝର*

## ମତ୍ସ୍ୟ ଓ ପଶୁପାଳନରେ ବେକାରି ସମସ୍ୟା ହଟିବ

ମତ୍ସ୍ୟ ଓ ପଶୁପାଳନ କ୍ଷେତ୍ରରେ ବେକାର ଯୁବକ ଯୁବତୀମାନେ ସାମିଲ ହେଲେ ବେକାରି ଭଳି ସମସ୍ୟା ଦୂର ହୋଇପାରନ୍ତା ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ବିଭାଗର ସଚିବ ସି.କେ. ବେଣୁଗୋପାଳ ମତବ୍ୟକ୍ତ କରିଛନ୍ତି । କାଳିଅଁଶା ଓ କାଳିପାଟଣା ବ୍ଲକ ସ୍ତରରେ ଆସିଥିବା ଶ୍ରୀ ବେନୁଗୋପାଳ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିବା ସହିତ ସରକାରୀ ଚାକିରି ପଛରେ ବେକାର ଯୁବକ ଯୁବତୀମାନେ ନ ଗୋଡ଼ାଇ ମତ୍ସ୍ୟ ଓ ପଶୁ ପାଳନରେ ନିଜକୁ ଆତ୍ମନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଏହି ବ୍ଲକଗୁଡ଼ିକରେ କେତେ ପୋଖରୀ ଖୋଳାଯାଇ ପାରିବ, ସେ ସଂପର୍କରେ ସର୍ଭେ କରିଥିବଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କାଳିପାଟଣା ବିଧାୟକ ଶଶୀଭୂଷଣ ବେହେରା ଏହି ଅଞ୍ଚଳକୁ ଆସିବା ସମୟରେ ଆଗ୍ରହୀ ବେକାର ଯୁବକ ଯୁବତୀମାନଙ୍କୁ ଏହି ସୁଯୋଗରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ ।



## ବିଲ୍ ରାଜନ ଓ ଯୋଗେନ୍ଦ୍ର

ସମ୍ବଲପୁରରୁ ଘଣ୍ଟେଶ୍ୱରୀ ଠାକୁରାଣୀଙ୍କ ପାଖକୁ ଯିବା ବାଟରେ ୩୨ କି.ମି. ପରେ ଡାହାଣ ପଟକୁ ୩ କି.ମି. ଗଲେ ପଡ଼େ ବନ୍ଧପାଲି ଗାଁ, ସେହି ଗାଁର ବିଲ୍ ରାଜନ୍ ନାଥ ଓ ଯୋଗେନ୍ଦ୍ର ନାଥ ଦୁଇ ଆଗ୍ରହୀ ଚାଷୀ । କୃଷି ସହିତ ଗୋପାଳନ ମଧ୍ୟ କରନ୍ତି । ଅନେକ ଦିନରୁ ଋତୁକାଳୀନ ଘାସ ଏମ୍.ପି.ଚେରୀ, ବରସିମ୍ ଇତ୍ୟାଦି କରିଆସୁଥିଲେ । ମାତ୍ର ସେମାନେ ଯେତେବେଳେ ଜାଣିଲେ ଯେ ସବୁଦିନିଆ ଘାସ ଚାଷ କଲେ ଅଧିକ ଘାସ ଉତ୍ପାଦିତ ହୋଇ ପାରିବ, ସେଥିରେ ଉତ୍ସାହିତ ହୋଇ ଏ ବର୍ଷ ସେମାନେ ପାଖାପାଖି ଏକରେ ନେଖାର୍ଏ ହାଡିଆ ଘାସ ଚାଷ କରିଛନ୍ତି । ସେଥିରୁ ଘାସ ମଧ୍ୟ ଅମଳ ହେଲାଣି ଓ ଘାସ ଖୁଆଇ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ମଧ୍ୟ କମେଇ ପାରିଲେଣି । ବିଲ୍ ରାଜନ କହନ୍ତି ତାଙ୍କର ମାସିକ ଆୟ ବର୍ତ୍ତମାନ ୫ ହଜାରରୁ ବଢ଼ି ୧୦ ହଜାରରେ ପହଞ୍ଚ ପାରିଛି । ସେ ଭବିଷ୍ୟତରେ ଅଧିକ ଘାସ ଚାଷ କରି କଞ୍ଚା ଘାସ ଓ କାଣ୍ଡ, ମୂଳ ବିକ୍ରି କରିବାର ଯୋଜନା ମଧ୍ୟ ରଖିଛନ୍ତି । ଏ ସବୁ ପାଇଁ ସ୍ଥାନୀୟ ପଶୁଧନ ନିରୀକ୍ଷକ ଅକ୍ଷୟ କୁମାର ନାଏକ, ଚିପିଲିମାର କ୍ଷେତ୍ର ପ୍ରଦର୍ଶକ ଧନଞ୍ଜୟ ବିହାର ସେମାନଙ୍କୁ ସହାୟତା ଓ ଉତ୍ସାହ ପ୍ରଦାନ କରିଛନ୍ତି ।

ଗୋପାଳନ ଓ ଘାସ ଚାଷ ଉପରେ ସମ୍ବଲପୁର ଆକାଶବାଣୀ ଦୂରଦର୍ଶନରୁ କିଷାନ୍ ଓ 'ଇ' ଟିଭିରେ ଓଡ଼ିଆର ଅନ୍ନଦାତାରେ ବିଭିନ୍ନ କାର୍ଯ୍ୟକ୍ରମମାନ ପ୍ରଚାରିତ ଓ ପ୍ରସାରିତ ହେଉଛି । ସମ୍ବଲପୁରର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ ଯୁଗଳ କିଶୋର ବେହୁରା ସମସ୍ତ କର୍ମଚାରୀମାନଙ୍କୁ ଅଧିକ ଚାଷୀଙ୍କୁ ଘାସ ଚାଷ କରିବା ପାଇଁ ପ୍ରବର୍ତ୍ତାଇବା ପାଇଁ ପ୍ରେରଣା ଓ ଉତ୍ସାହ ଯୋଗାଇ ଦେଉଛନ୍ତି । ଆସ୍ତେ ଆସ୍ତେ ସମ୍ବଲପୁର ଜିଲ୍ଲାର ଘାସ ଚାଷୀ ସଂଖ୍ୟା ଓ ଚାଷ ଜମିର ପରିମାଣ ବୃଦ୍ଧି ପାଇବାରେ ଲାଗିଛି ଓ ଅଧିକାଂଶ ଗୋ-ପାଳକ ଅନୁଭବ କଲେଣି ଯେ :

''ଘାସ ଅଛି ଯାହାର, କି ଆନନ୍ଦ ତାହାର ।
ଗାଈକୁ ସେ ଯୋଗାଇବ, ବର୍ଷସାରା ଆହାର ।।''

କେଶବ କୁମାର ମହାପାତ୍ର

*ସରକାରୀ ଦୁଗ୍ଧ ଉନ୍ନୟନ ଅଧିକାରୀ,*

*ସଘନ ଗୋ-ଉନ୍ନୟନ ଯୋଜନା, ସମ୍ବଲପୁର*

## ଗଞ୍ଜାମରେ କୃଷିଭିତ୍ତିକ ମାସିକ ପତ୍ରିକା 'ଉତ୍ପାଦିକା'ର ନାମକରଣ ପାଇଁ ପୁରସ୍କୃତ

ଗଂଜାମ ଜିଲ୍ଲା ପ୍ରଶାସନ ତରଫରୁ ଏକ ମାସିକ ପତ୍ରିକା 'ଉତ୍ପାଦିକା'ର ପ୍ରଥମ ସଂସ୍କରଣ ଅକ୍ଟୋବର ୨, ୨୦୦୫ରିଖ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଛତ୍ରପୁର ସର୍କିଟ୍ ହାଉସ୍‌ରେ ଉନ୍ମୋଚିତ ହୋଇଯାଇଛି । ଏହି କୃଷି, ପଶୁପାଳନ ଓ ଆନୁସଙ୍ଗିକ ବିଷୟ ଭିତ୍ତିକ ପତ୍ରିକା 'ଉତ୍ପାଦିକା'ର ନାମକରଣ ଡାଃ. ନିରୋଦ କୁମାର ରାଉତରାୟ, ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ, ଗଂଜାମଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବାରୁ ନାବାର୍ଡ ତରଫରୁ ୫୦୦ ଟଙ୍କା (ପାଞ୍ଚଶତ) ଟଙ୍କା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

ଏହି ପତ୍ରିକାକୁ ଚାଷୀଙ୍କ ଉପାଦେୟତା ପାଇଁ ପଶୁପାଳନ ସମ୍ବନ୍ଧୀୟ ଲେଖା ପଠାଇବା ପାଇଁ ଡାଃ ନିରୋଦ କୁମାର ରାଉତରାୟ, ସି.ଭି.ଓ., ଗଞ୍ଜାମ ଅନୁରୋଧ କରିଛନ୍ତି ।

**ଅଧିକ ଲାଭ ପାଇବା ସକାଶେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସବୁଜ ଘାସ ଚାଷ କରିବା ସଂଗେ ସଂଗେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମାନ୍ତୁ ।**